**ଅନୁବନ୍ଧ -୨**

ପ୍ରଚଳିତ ୫୦୦/- ଏବଂ ୧୦୦୦/- ଟଙ୍କା ମୂଲ୍ୟବର୍ଗର ବ୍ୟାଙ୍କ ନୋଟ ଗୁଡିକରୁ ବୈଧ ମୁଦ୍ରା ମାନ୍ୟତା ପ୍ରତ୍ୟାହାର – ଏହି ଯୋଜନାର ପ୍ରମୁଖ ବୈଶିଷ୍ଟ୍ୟ

1. ଭାରତ ସରକାରଙ୍କ ଦ୍ୱାରା ତା. ୦୮ ନଭମ୍ବର ୨୦୧୬ ରେ ଜାରି ହୋଇଥିବା ରାଜପତ୍ର ଅଧିସୂଚନା ସଂ ୨୬୫୨ ଅନୁସାରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ୦୮ ନଭମ୍ବର ୨୦୧୬ ପର୍ଯ୍ୟନ୍ତ ଜାରି ୫୦୦/- ଏବଂ ୧୦୦୦/- ଟଙ୍କା ମୂଲ୍ୟବର୍ଗର ବ୍ୟାଙ୍କନୋଟଗୁଡିକ, ଯେଉଁଗୁଡିକୁ ଏହାପରେ ବିଶିଷ୍ଟ ବ୍ୟାଙ୍କ ନୋଟ (ଏସବିଏନ) କୁହାଯିବ, ତା. ୦୯ ନଭମ୍ବର ୨୦୧୬ ରୁ ସେଗୁଡିକର ସମସ୍ତ ପ୍ରକାର ଲେଣଦେଣ ଏବଂ ହିସାବ କିତାବ ନିମନ୍ତେ ଏହାର ବୈଧ ମୁଦ୍ରା ମାନ୍ୟତାକୁ ସମାପ୍ତ କରିଦିଆଯାଇଛି।

2. ବ୍ୟାଙ୍କ ଅଥବା ସରକାରୀ ଟ୍ରେଜେରୀ ବ୍ୟତୀତ ଅନ୍ୟ ଯେ କୌଣସି ବ୍ୟକ୍ତି ପାଖରେଥିବା ନିର୍ଦ୍ଦିଷ୍ଟ ବ୍ୟାଙ୍କ ନୋଟ ଗୁଡିକୁ ଭାରତୀୟ ରିଜର୍ଭ ବ୍ୟାଙ୍କ ର ଯେ କୌଣସି ୧୯ ଟି ନିର୍ଗମ ବିଭାଗ,ସରକାରୀ ବ୍ୟାଙ୍କ ଗୁଡିକର ଯେ କୌଣସି ଶାଖା,ଘରୋଇ ବ୍ୟାଙ୍କ ,ବିଦେଶୀ ବ୍ୟାଙ୍କ ,ଆଂଚଳିକ ଗ୍ରାମ୍ୟ ବ୍ୟାଙ୍କ ,ସହରୀ ସମବାୟ ବ୍ୟାଙ୍କ ଏବଂ ରାଜ୍ୟ ସମବାୟ ବ୍ୟାଙ୍କ ଠାରେ ନିମ୍ନଲିଖିତ ଶର୍ତ୍ତ ଅଧିନରେ ଡିସେମ୍ବର ୩୦,୨୦୧୬ ମଧ୍ୟରେ ବିନିମୟ ହୋଇ ପାରିବ। ଯଥା:

କ) ସର୍ବମୋଟ ୪୦୦୦/- ବା ତାଠାରୁ କମ ମୂଲ୍ୟ ବିଶିଷ୍ଟ ବ୍ୟାଙ୍କ ନୋଟର ଯେ କୌଣସି ମୂଲ୍ୟ ବର୍ଗର ବୈଧ ମୁଦ୍ରା ସହ ବିନିମୟ ପାଇଁ ଏହି ଉଚ୍ଚ ମୂଲ୍ୟ ବର୍ଗର ବ୍ୟାଙ୍କ ନୋଟ ସହ ରିଜର୍ଭ ବ୍ୟାଙ୍କ ନିର୍ଦ୍ଦେଶିତ ଆବେଦନ ପତ୍ର (ଅନୁବନ୍ଧ ୫ ଅନୁସାରେ) ଏବଂ ଏକ ପରିଚୟ ପତ୍ର (ଅନୁବନ୍ଧ ୫ ର ନିର୍ଦ୍ଦେଶ ଅନୁସାରେ) ଦ୍ୱାରା ଯେ କୌଣସି ବ୍ୟାଙ୍କ ଶାଖା ବା ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଗମ କାର୍ଯ୍ୟାଳୟରେ ହୋଇ ପାରିବ।

ଖ) ୪୦୦୦/- ଟଙ୍କା ରୁ ଉର୍ଦ୍ଧ୍ୱ ଏହି ଉଚ୍ଚ ମୂଲ୍ୟବର୍ଗର ବିଶିଷ୍ଟ ବ୍ୟାଙ୍କ ନୋଟର ସମମୂଲ୍ୟ ବିନିମୟ ଜମାକର୍ତ୍ତାଙ୍କ ବ୍ୟାଙ୍କ ଖାତା ଥିବା ଶାଖାରେ ହେବ ଏବଂ ବିନିମୟ ମୂଲ୍ୟ ଜମା ଖାତାରେ ଜମା ହୋଇପାରିବ। ୧୫ ଦିନ ପରେ ବ୍ୟାଙ୍କ ଶାଖା ଗୁଡିକରେ ଅଥବା ଭାରତୀୟ ରିଜର୍ଭ ବ୍ୟାଙ୍କରେ ହେଉଥିବା ଏହି ବିଶିଷ୍ଟ ବ୍ୟାଙ୍କ ନୋଟର ସର୍ବାଧିକ ୪୦୦୦/- ଟଙ୍କା ମୂଲ୍ୟର ବିନିମୟ ସୀମା ଉପରେ ସମୀକ୍ଷା କରାଯିବ।

ଗ) ବିଶିଷ୍ଟ ବ୍ୟାଙ୍କ ନୋଟ ଜମା ହେଉଥିବା ଶାଖାରେ ଜମାକର୍ତ୍ତାଙ୍କ ଖାତାରେ ଜମା ହେଉଥିବା ବିନିମୟ ମୂଲ୍ୟର କୌଣସି ନିର୍ଦ୍ଦିଷ୍ଟ ସୀମା ନାହିଁ।

ଘ) ଜମାକର୍ତ୍ତାଙ୍କର ଯେ କୌଣସି ବ୍ୟାଙ୍କ ରେ ଥିବା ଖାତାରେ ଜମା ହୋଇଥିବା ବିଶିଷ୍ଟ ବ୍ୟାଙ୍କ ନୋଟ ଗୁଡିକର ସମ ମୂଲ୍ୟ ର ପରିମାଣ ଏକ ବୈଧ ପ୍ରମାଣପତ୍ର ଦାଖଲ ଦ୍ୱାରା ସାଧାରଣ ବ୍ୟାଙ୍କିଙ୍ଗ ପ୍ରକ୍ରିୟାରେ ଜମା ହୋଇ ପାରିବ ।

ଙ) ଯେକୌଣସି ତୃତୀୟ ପକ୍ଷଙ୍କ  ଜମାଖାତା ରେ ମଧ  ବିଶିଷ୍ଟ ବ୍ୟାଙ୍କ ନୋଟ ଗୁଡିକର ସମମୂଲ୍ୟ ର ପରିମାଣ ଜମା ହୋଇ ପାରିବ,ଯଦି ପ୍ରକୃତ ଜମାକାର୍ତ୍ତାଙ୍କର ପରିଚଯ ପତ୍ର ବ୍ୟାଙ୍କ ରେ ଦାଖଲ କରାହୋଇ ଥିବ ତଥା ବିଧିବତ ଭାବରେ ବ୍ୟାଙ୍କିଙ୍ଗ ନିୟମ ଅନୁଯାୟୀ ସେହି ତୃତୀୟ ପକ୍ଷ ଦ୍ୱାରା ଅଧିକାରପତ୍ର (ଅନୁବନ୍ଧ -୫ ଅନୁଯାୟୀ) ପ୍ରଦତ୍ତ ହୋଇଥିବ ।

ଚ) ଜଣେ ବ୍ୟକ୍ତିର ବ୍ୟାଙ୍କ ରେ ଥିବା ନିଜ ଖାତାରେ ଜମା କାରାଯାଉଥିବା ବିଶିଷ୍ଟ ବ୍ୟାଙ୍କ  ନୋଟର ସଂଖ୍ୟା ବା ମୂଲ୍ୟ ପାଇଁ କୌଣସି ସୀମା ନାହିଁ ; କିନ୍ତୁ  ଯେଉଁ କ୍ଷେତ୍ରରେ  "ଆପଣଙ୍କ ଗ୍ରାହକ କୁ ଜାଣନ୍ତୁ " (KYC)  ପ୍ରକ୍ରିୟା  ର ସମ୍ପୁର୍ଣ୍ଣ  ଅନୁପାଳନ ହୋଇ ନାହିଁ, ସେଠାରେ ଏହି ବିଶିଷ୍ଟ ବ୍ୟାଙ୍କ  ନୋଟର ବିନିମୟ ସୀମା ୫୦,୦୦୦ଟଙ୍କା ମଧ୍ୟରେ  ହେବ ।

ଛ) କାଉଣ୍ଟର ରୁ ପ୍ରତ୍ୟେକ ଦିନଟଙ୍କା ଉଠାଣର ସୀମା ୧୦,୦୦୦ଟଙ୍କା ହେବ ଏବଂ ଏହି ନିର୍ଦ୍ଦେଶନାମା ର ତାରିଖଠାରୁ ନଭେମ୍ବର ୨୪, ୨୦୧୬ ର କାର୍ଯ୍ୟ ସମାପ୍ତି ସମୟ ପର୍ଯ୍ୟନ୍ତ ଏହି ଉଠାଣର ସାପ୍ତାହିକ ସୀମା ୨୦,୦୦୦/-ଟଙ୍କା ରହିବ ।

ଜ) ଅଣ-ନଗଦ ରାଶି  ର ନେଣଦେଣ ଯଥା ଚେକ୍, ଡିମାଣ୍ଡ ଡ୍ରାଫ୍ଟ ,କ୍ରେଡିଟ ବା ଡେବିଟ କାର୍ଡ,ମୋବାଇଲ ୱାଲେଟ ଏବଂ ଇଲେକ୍ଟ୍ରୋନିକ ଅର୍ଥ ଅନ୍ତରଣ ବ୍ୟବସ୍ଥା ଏବଂ ସେହିପରି ଅନ୍ୟ ମାଧ୍ୟମ ଜରିଆରେ ହେଉଥିବା ନେଣ ଦେଣ  ଉପରେ କୌଣସି ପ୍ରତିବନ୍ଧକ ରଖା ଯାଇ ନାହିଁ ।

ଝ) ଅଟୋମେଟେଡ ଟେଲର ମେସିନରୁ (ଏହା ପରଠାରୁ ATM ଭାବରେ ପରିଚିତ ହେବ)  ଟଙ୍କା ଉଠାଣ ନଭେମ୍ବର  ୧୮, ୨୦୧୬ ପର୍ଯ୍ୟନ୍ତ ପ୍ରତ୍ୟହ କାର୍ଡ ପିଛା ୨୦୦୦ଟଙ୍କା  ମଧ୍ୟରେ ସିମିତ ରହିବ ଏବଂ ନଭେମ୍ବର  ୧୯,୨୦୧୬  ଠାରୁ ଏହି ସୀମା ୪୦୦୦/-ଟଙ୍କା କୁ ବର୍ଦ୍ଧିତ ହେବ। ସବୁ ଏଟିଏମ ଗୁଡିକ ଭାରତୀୟ ରିଜର୍ଭ ବ୍ୟାଙ୍କର ପରବର୍ତ୍ତୀ ନିର୍ଦ୍ଦେଶାବଳୀ ପର୍ଯ୍ୟନ୍ତ କେବଳ ୧୦୦/- ଏବଂ ୫୦/- ଟଙ୍କା ବିତରଣ କରିପାରିବେ।

ଞ ) ଯଦି କୌଣସି ବ୍ୟକ୍ତି ଡିସେମ୍ବର ୩୦,୨୦୧୬ ମଧ୍ୟରେ ଏହି ବିଶିଷ୍ଟ ବ୍ୟାଙ୍କ  ନୋଟ ଗୁଡିକୁ ବିନିମୟ ବା ଜମା କରିବାରେ ଅସଫଳ ହୁଅନ୍ତି , ତେବେ ପରବର୍ତ୍ତୀ ତାରିଖ ନିର୍ଦ୍ଦିଷ୍ଟ ହେବା ପର୍ଯ୍ୟନ୍ତ ତାଙ୍କୁ ରିଜର୍ଭ ବ୍ୟାଙ୍କ  ର ନିର୍ଦ୍ଦିଷ୍ଟ  କାର୍ଯ୍ୟାଳୟ ରେ ଜମା କରିବାପାଇଁ ବା ସେହି ସଂକ୍ରାନ୍ତୀୟ ଅନ୍ୟ  କାର୍ଯ୍ୟ ପାଇଁ ଅନୁମତି ଦିଆଯିବ ।